ଉତ୍ତର - କେନ୍ଦ୍ର ଓଡ଼ିଶା

ଗାଁ କଲ୍ୟାଣ ସମିତି କାହା ସ୍ୱାର୍ଥରେ !

ଗ୍ରାମାଞ୍ଚଳ ପାଇଁ ଆସୁଥିବା ଅର୍ଥ ଯାଉଛି କୁଆଡେ ?

॥ ପ୍ରଭାନ୍ୟୁଜ ॥ ତାଳଚେର,୨୯।୧୧: ଗ୍ରାମାଚଂଳର ବିକାଶ ପାଇଁ ରାଜ୍ୟ ସରକାର ଗାଁ କଲ୍ୟାଣ ସମିତି ମାଧ୍ୟମରେ ବିଭିନ୍ନ ପଂଚାୟତକୁ କିଛି ଅର୍ଥ ଯୋଗାଇ ଦେଇଥାନ୍ତି। ଜାତୀୟ ଗ୍ରାମ୍ୟ ସ୍ୱାସ୍ଥ୍ୟମିଶନ ଜରିଆରେ ଗ୍ରାମାଚଂଳ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ସୁନ୍ଦର ପରିବେଶ ସହ ଗ୍ରାମ ଗୁଡିକୁ ସଫାସୁତରା କରିବା ଉଦ୍ଦେଶ୍ୟରେ ସରକାରଙ୍କ ତରଫରୁ ଗାଁ କଲ୍ୟାଣ ସମିତ ଗଠନ ହୋଇଛି । ଏହି ସମିତି ଗାଁରେ ପରିଷ୍କାର ପରିଚ୍ଛନ୍ନ ସହ ସ୍ୱାସ୍ଥ୍ୟ ସଚେତନତା ବାର୍ତାର ପ୍ରସାର କରି ଅସହାୟଙ୍କୁ ସାହାଯ୍ୟ କରିବାରେ ଏହାର ମୁଖ୍ୟଲକ୍ଷ୍ୟ। ତାଳଚେର ଉପଖଣ୍ଡର ଦୁଇଟଇ ବ୍ଲକ ତାଳଚେର ଓ କଣିହାଁରେ ୪୮ଟି ପଂଚାୟତର ରହିଛି । ବିଭିନ୍ନ ଗ୍ରାମରେ ଗାଁ କଲ୍ୟାଣ ନିମନ୍ତେ ଗାଁ କଲ୍ୟାଣ ସମିତି ଗଠନ ହୋଇଛି। ହେଲେ ସମିତିକୁ ଆସୁଥିବା ଅର୍ଥ ସୂଚାରୁରୂପେ ସମିତି ମାନଙ୍କୁ ବଂଟନ ହେଉଥିବା ବେଳେ ଏହି ଅର୍ଥ କୌଣସି ଜନହିତକର କାର୍ଯ୍ୟରେ ଆସୁନଥିବା ଅଭିଯୋଗ ହେଉଛି । ଫଳରେ ରାଜ୍ୟ ସରକାରଙ୍କର ମହତ ଯୋଜନା ଏଠାରେ ବାଟବଣା ହୋଇଥିବା କୁହାଯାଉଛି । ସମିତିରେ ଗ୍ରାମର

ତିନିମୁଖ୍ୟଙ୍କ ସହ ୱାର୍ଡସଭ୍ୟ, ଆଶାକର୍ମୀ ରହିବାର ଆବଶ୍ୟକତା ରହିଛି । ଏହାର ପରିଚାଳନା ପାଇଁ ମାସିକ ବୈଠକ ହେବାର ମଧ୍ୟ ବ୍ୟବସ୍ଥା ରହିଛି । ଏଥିପାଇଁ ପ୍ରତି ସମିତିକୁ ୧୦ହଜାର ଟଙ୍କା ଅନୁଦାନ ମିଳିଥାଏ। ମାସିକ ବୈଠକରେ ଏହି ଅର୍ଥରୁ ଆଶାକର୍ମୀଙ୍କୁ ୧୫୦ଟଙ୍କା, ଅଙ୍ଗନାବାଡି କର୍ମୀ ୧୦୦ଟଙ୍କା ଓ ୱାର୍ଡସଭ୍ୟଙ୍କୁ ୫୦ଟଙ୍କା ମିଳିଥାଏ। ବଳକା ଟଙ୍କାରେ ଗାଁର ପ୍ରବେଶ ଦ୍ୱାରରେ ସ୍ୱାସ୍ଥ୍ୟ ସଚେତନତା ପ୍ରଚାର, ଅଳିଆକୁଣ୍ଡ, ସରକାରୀ କୂଅରେ ବ୍ଲିଚ୍ଚିଙ୍ଗ ପକାଇବା ଓ ଗାଁକୁ ସଫାସୁତରା ରଖିବା ମୂଳଲକ୍ଷ୍ୟ ବୋଲି କୁହାଯାଉଛି । ମାତ୍ର ସରକାର ଦେଉଥିବା ଏହି ଅର୍ଥରାଶି କୌଣସି କାର୍ଯ୍ୟରେ ନଲାଗି କୁଆଡେ କେବଳ କାଗଜପତ୍ରରେ ଉପଖଣ୍ଡରେ ଏସବୁ କାର୍ଯ୍ୟ ହେଉଥିବା ଦର୍ଶାଇ ଆସୁଥିବା ଟଙ୍କାକୁ ବାଟମାରାଣା ହେଉଛି ବୋଲି ଅଭିଯୋଗ ହେଉଛି । ତେବେ ବର୍ତମାନ ତାଳଚେର ଅଂଚଳରେ ଡେଙ୍ଗୁର ଭୟ ରହିଥିବା ବେଳେ ଗ୍ରାମାଚଂଳ ଗୁଡିକରେ ଘାସବୁଦା, ଅନାବନା ଗଛଲତା, ଡ୍ରେନେଜ ବ୍ୟବସ୍ଥା, ବିପର୍ଯ୍ୟ ଅବସ୍ଥାରେ ପଡି ରହିଥିବା ଦେଖିବାକୁ ମିଳିଛି । ଆସୁଥିବା ସରକାରୀ ଅନୁଦାକୁ ସଠିକ ଭାବେ ଖର୍ଚ୍ଚ ହେଉଛି କି ନାହିଁ ଉପଖଣ୍ଡରେ ତାର ତଦାରଖ କରାଯାଉ ନାହିଁ । ତେବେ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି ।

ଚରୁଲେଇକୁ ଗ୍ରାମପଞ୍ଚାୟତ ମାନ୍ୟତା ଦାବି

॥ ପ୍ରଭାନ୍ୟୁଜ ॥ ଢେଙ୍କାନାଳ,୨୯।୧୧: ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ କାବରା ଗ୍ରାମ ପଞ୍ଚାୟତ ଚିରୁଲେଇ ରାଜସ୍ୱ ଗ୍ରାମକୁ ପଞ୍ଚାୟତ ମାନ୍ୟତା ଦେଇ ଗ୍ରାମ ପଞ୍ଚାୟତ ଭାବେ ଘୋଷଣା କରିବା ପାଇଁ ଗ୍ରାମବାସୀମାନେ ଆଜି ଓଡିଶା ସରକାରଙ୍କ ପଞ୍ଚାୟତରାଜ ମନ୍ତ୍ରୀ ରବି ନାୟକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ପ୍ରାୟ ୪୦୦୦ ଜନସଂଖ୍ୟା ବିଶିଷ୍ଟ ଚିରୁଲେଇ ରାଜସ୍ୱ ଗ୍ରାମଟି ହରଡବେରଣା, ଚମଦଳ, ଡାହିସାହି ଓ ଜୁଆଙ୍ଗ ସାହି ପଡା ଗ୍ରାମକୁ ନେଇ ଗଠିତ ପ୍ରାୟ ୧୧ ବର୍ଗ କିମି ପରିଧି ମଧ୍ୟରେ ସୀମିତ ଅଛି। ସ୍ୱାଧିନତାର ୭୮ ବର୍ଷ ବିତିଯାଇଥିଲେ ମଧ୍ୟ ପଡା ଗ୍ରାମକୁ ସବୁଦିନିଆ ରାସ୍ତା ନାହିଁ। ପାନୀୟ ଜଳ ସମସ୍ୟା ଲାଗି ରହିଥିବା ବେଳେ ସ୍ୱାସ୍ଥ୍ୟ ସେବା ପାଇଁ ପ୍ରାଥମିକ ସ୍ୱାସ୍ଥ୍ୟ ଚିକିତ୍ସା ପାଇଁ ବ୍ୟବସ୍ଥା ନାହିଁ। ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଥିବା ବେଳେ ହାତୀ ଓ ବଣ୍ୟଯନ୍ତୁ କବଳିତ ଏହି ଗ୍ରାମଗୁଡିକୁ ଷ୍ଟ୍ରିପ୍ଟ ଲାଇଟ୍ ବ୍ୟବସ୍ଥା ନାହିଁ। ଫଳରେ ଅନେକ ଥର ହାତୀ ଗ୍ରାମ ମଧ୍ୟରେ ପ୍ରବେଶ କରିବାର ନଜିର ରହିଛି। ଏତେ ସବୁ ସମସ୍ୟାର ସମସ୍ୟା ସମାଧାନ ପାଇଁ ସମସ୍ତ ଗ୍ରାମବାସୀ ମାନେ ବାରମ୍ବାର ବୈଠକ କରି ଗ୍ରାମକୁ ଗ୍ରାମ ପଞ୍ଚାୟତ ମାନ୍ୟତା ଦେବା ପାଇଁ ସହମତି ପ୍ରକାଶ କରିଛନ୍ତି। ଗ୍ରାମ ସଭାପତି ବେଣୁଧର ସାମଲଙ୍କ, ବିଶିଷ୍ଟ ଶ୍ରମିକ ନେତା ଶ୍ରୀନିବାସ ଖୁଣ୍ଟିଆଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଭୁବନେଶ୍ୱର ଠାରେ ମନ୍ତ୍ରୀଙ୍କୁ ଭେଟି ପଞ୍ଚାୟତ ପାଇଁ ସମସ୍ତ ଯୋଗ୍ୟତା ରଖୁଥିବା ଚିରୁଲେଇ ରାଜସ୍ୱ ଗ୍ରାମକୁ ପଞ୍ଚାୟତ ମାନ୍ୟତା ପ୍ରଦାନ କରି ଚିରୁଲେଇ ଗ୍ରାମ ପଞ୍ଚାୟତ ଭାବେ ଘୋଷଣା କରିବା ପାଇଁ ନିବେଦନ କରିଛନ୍ତି।

ରାସନ ସାମଗ୍ରୀ ସହ ପନିପରିବା ଦର ବୃଦ୍ଧି, ଖାଉଟି ହନ୍ତସନ୍ତ

॥ ପ୍ରଭାନ୍ୟୁଜ ॥ ତାଳଚେର,୨୯।୧୧: ସରକାର ଜନସାଧାରଣଙ୍କ ସମସ୍ତ ସୁବିଧା କରିବା ନିମନ୍ତେ ପ୍ରଚାର ପ୍ରସାର ମାଧ୍ୟମରେ ସର୍ବସ୍ୱ କରିଥିଲେ ମଧ୍ୟ ଆଜି ପନିପରିବାର ଦର ଏତେଶୟ ବୃଦ୍ଧି ପାଇଛି । ଯଦି କୌଣସି ଯୋଗୀ କିମ୍ବା ଭିକ୍ଷୁକ ଭିକ୍ଷାଗ୍ରହଣ କରିବାକୁ ଆସୁଛନ୍ତି। ସେମାନଙ୍କୁ ପନିପରିବା ଟିଏ ଦାନ କରି ହେଉନି କିମ୍ବା କୌଣସି ଶୁଦ୍ଧକ୍ରିୟା କାର୍ଯ୍ୟ ସମୟରେ ଛଂଚାରେ ପୁରୋଧାଙ୍କୁ ପନିପରିବାଟିଏ ଦେବାପାଇଁ ଲୋକଙ୍କ ପକ୍ଷେ ସମ୍ଭବ ହେଉନି। ଆଜିର ଦିନରେ ପନିପରିବାର ଦରଦାମ ଏତେ ଆକାଶ ଛୁଆଁ ହୋଇଛି ଯେ, ହଜାରଟଙ୍କା ହାଟକୁ ଧରି ଗଲେ ମଧ୍ୟ ପରିବା ବ୍ୟାଗଟି ପୂର୍ଣ୍ଣ ହେଉନାହିଁ । ବର୍ତମାନ ଆଳୁ ୩୦ ରୁ ୩୫ଟଙ୍କା ରହୁଥିବା ବେଳେ, ପିଆଜ ୪୫ ରୁ ୫୦, ବାଇଗଣ ୭୦, ଟମାଟୋ ୭୦, ଭେଣ୍ଡି ୮୦, କଂଚା କଦଳୀ ୭୦, ଶାଗବିଡା ୧୦, ଝୁଡଙ୍ଗ ୮୦, କଖାରୁ କେଜି ପ୍ରତି ୪୦, ଦେଶୀ କାଙ୍କଡ ୨୦୦ ହୋଇଥିବା ବେଳେ ବିଦେଶୀ କାଙ୍କଡ ୮୦, କଂଚା ଲଙ୍କା ୧୫୦, ସାରୁ ୩୦ରୁ ୪୦, ଖୁମ୍ବଆଳୁ ୬୦, ବିନ୍ ୬୦, କାକୁଡି ୮୦, କଲରା ୭୦ଟଙ୍କା ହୋଇଥିବା ବେଳେ ସେହିଭଳି ଫଳମୂଳ ଦାମ ନକହିବା ଭଲ ।



ସେହିଭଳି ଉଷୁନା ଚାଉଳ କେଜି ୩୦, ଅରୁଆ ଚାଉଳ ୩୦, ସୋରିଷ ତେଲ, ରିଫାଇନ୍ ତେଲ, ସୁଜି, ମୁଗଡାଲି, ବୁଟଡାଲି, ବୁଟ, ମଟର, ଚିନି, ହରଡଡାଲି, ଅଟା, ବେସନ, ଶୁଖିଲା ଲଙ୍କା, ଲୁଣ ଇତ୍ୟାଦିର ଦର ଆହେତୁକ ବୃଦ୍ଧି ପାଇଥିବା ବେଳେ ବଜାର ଆମିଷ ଦର ମଧ୍ୟ କିଛି କମ ନୁହେଁ । ତେବେ ଲୋକେ ଖାଇବେ କ'ଣ ଚଳିବେ କେମିତିଚଳିବେ । ବଡବଡିଆ ତରି ଯାଉଥିବା ବେଳେ ଦିନମଜୁରୀଆ ଯେନତେଣ ଉପାୟରେ ଚଳିଯାଉଛନ୍ତି । ମାତ୍ର ମଧ୍ୟବିତ ପରିବାରର ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏବେ ଓଡିଶାରେ ଡବଲଇଞ୍ଜିନ ସରକାର ଚାଲୁଥିବା ବେଳେ ଗାଡି ଧିମେଇ ଯାଉଛି ଓ କେନ୍ଦ୍ର ସରକାରଙ୍କ ସେହି ଆଚ୍ଛାଦିନ ନାରା ଆଉ ଶୁଭୁନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

କଲେଜରେ ସମ୍ବିଧାନ ଦିବସ ପାଳନ

॥ ପ୍ରଭାନ୍ୟୁଜ ॥ ଆସିକା,୨୯।୧୧: ଆସିକା ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ଚୌଧୁରୀଙ୍କ ପୌରହିତ୍ୟରେ ଏବଂ ରାଜନୀତି ବିଜ୍ଞାନର ଆନୁକୂଲ୍ୟରେ ସମ୍ବିଧାନ ଦିବସ ପାଳିତ ହୋଇଛି। ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ. ଅଭୟ କେଶରୀ ପରିଚ୍ଛା ପଟ୍ଟନାୟକ ଭାରତୀୟ ସମ୍ବିଧାନର ସାଧାରଣତନ୍ତ୍ରତା ସାର୍ବଭୌମକତା, ସାମାଜିକତା, ଭାତୃଭାବ, ସହିଷ୍ଣୁତା, ଜନସାଧାରଣଙ୍କ ମୌଳିକ ଅଧିକାର ଓ କର୍ତ୍ତବ୍ୟର ଭାବଧାରାକୁ ସୂଚାଉ ଥିବା ପ୍ରସ୍ତାବନାର ସବିଶେଷ ବିବରଣୀ ଓ ସର୍ବ ଧର୍ମ, ଜାତି, ସଂପ୍ରଦାୟ, ଧନୀ, ଗରିବ, ବର୍ଣ୍ଣ ନିର୍ବିଶେଷରେ ଭାରତୀୟ ସମ୍ବିଧାନ ଉର୍ଦ୍ଧ୍ୱରେ ବୋଲି ପ୍ରତିପାଦନ କରିଥିଲେ। ଅଧ୍ୟକ୍ଷ ଡ. ଚୌଧୁରୀ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସାମ୍ବିଧାନିକ ବିଧି ବିଧାନ ଭଳି ସିଦ୍ଧାନ୍ତକୁ ପ୍ରୟୋଗ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରିଥିଲେ । ଅଧ୍ୟାପକ ଏଲ୍ ଭାନୁ ଚନ୍ଦ୍ର ରାଓ ଭାରତୀୟ ସମ୍ବିଧାନରେ ଜନସାଧାରଣଙ୍କ ପାଇଁ ଯେଉଁ ମୌଳିକ ଅଧିକାର ଏବଂ କର୍ତ୍ତବ୍ୟ ରହିଛି ତାହାକୁ ଅନୁରୂପ ଅନୁସରଣ କରିପାରିଲେ ଦେଶ ପ୍ରଗତିପଥରେ ଆଗେଇ ପାରିବ ବୋଲି କହିଥିଲେ। ଯୁକ୍ତ ତିନି ଦ୍ୱିତୀୟବର୍ଷ ରାଜନୀତି ବିଜ୍ଞାନର ମେଧାବୀ ଛାତ୍ରୀ ସୃଷ୍ଟିରାଣୀ ପଣ୍ଡା ଭାରତୀୟ ସମ୍ବିଧାନର ବିଚାରଧାରାକୁ ଉପସ୍ଥାପନା କରିଥିଲେ। ଯୁକ୍ତ ତିନି ପ୍ରଥମ ବର୍ଷ ରାଜନୀତି ବିଜ୍ଞାନ ମେଧାବୀ ଛାତ୍ର ସୁମନ ରାଉତ ଭାରତୀୟ ସମ୍ବିଧାନର ମୂଲ୍ୟବୋଧ ଉପରେ ନିଜ ମତ ରଖିଥିବା ବେଳେ ପ୍ରଥମ ବର୍ଷ ଛାତ୍ରୀ ସୁଶ୍ରୀ ଦୀପିକା ପାତ୍ରୀ ଭାରତୀୟ ସମ୍ବିଧାନ ଦିବସ ସନ୍ଦର୍ଭରେ ନିଜର ମତ ପୋଷଣ କରିଥିଲେ। ଅଧ୍ୟାପକ ଗୌତମ ମାଝୀ ସନ୍ଦର୍ଭ ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ମଦ ଦୋକାନ ନେଇ ବିଧାୟକଙ୍କ ଉଦ୍‌ବେଗ

ଉତ୍ତର ରଖିଲେ ଅବକାରୀ ମନ୍ତ୍ରୀ

॥ ପ୍ରଭାନ୍ୟୁଜ ॥ ବାଲେଶ୍ୱର,୨୯।୧୧: ରାଜ୍ୟରେ ନୂତନ ମଦ ଦୋକାନ ଖୋଲିବା ନେଇ ରାଜ୍ୟ

ସରକାରଙ୍କ ଯୋଜନା କରୁଥିବା ନେଇ ବିରୋଧିଦଳମାନେ ଅପପ୍ରଚାର ଚଳାଇଥିବା ବେଳେ ଅବକାରୀ ମନ୍ତ୍ରୀ ଏନେଇ ବିଧାନସଭାରେ ସ୍ପଷ୍ଟୋକ୍ତି ରଖିଛନ୍ତି । ଓଡ଼ିଶାରେ ନୂତନ ମଦ ଦୋକାନ ଖୋଲିବା ନିଷ୍ପତ୍ତି ଅଥବା ବିଜ୍ଞପ୍ତି ପ୍ରକାଶ ସମ୍ପର୍କରେ ବାଲେଶ୍ୱର ସଦର ବିଧାୟକ ମାନସ ଦତ୍ତ ବିଧାନସଭାରେ ପ୍ରଶ୍ନ ଉଠାଇଥିଲେ । ଯଦି ସରକାର ଏ ବାବଦରେ ଚିନ୍ତା କରିଥାଆନ୍ତି, ତେବେ ମଦ ଦୋକାନର ସ୍ଥାନ ଓ ବର୍ଗୀକରଣର ବିବରଣୀ ପ୍ରଦାନ ପାଇଁ ଶ୍ରୀ ଦତ୍ତ ଅନୁରୋଧ କରିଥିଲେ । ସାମାଜିକ ବାସ୍ତବତାକୁ ଦୃଷ୍ଟିରେ ରଖି ବାଲେଶ୍ୱରରେ ପ୍ରସ୍ତାବିତ ମଦ ଦୋକାନ ଖୋଲିବା ନିଷ୍ପତ୍ତିକୁ ସ୍ଥଗିତ ରଖିବାକୁ ବିଧାୟକ ଶ୍ରୀ ଦତ୍ତ ନିବେଦନ କରିଥିଲେ । ଏହାର ଉତ୍ତରରେ, ଓଡିଶାର କୌଣସି ଜିଲ୍ଲାରେ ମଦ ଦୋକାନ ଖୋଲିବା ନେଇ ସରକାରଙ୍କ ପକ୍ଷରୁ କୌଣସି ବିଜ୍ଞପ୍ତି ପ୍ରକାଶ ପାଇନାହିଁ କି ଏ ବାବଦରେ ଚିନ୍ତା ମଧ୍ୟ କରାଯାଇନାହିଁ ବୋଲି ବିଧାୟକ ଅବକାରୀ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ ପ୍ରକାଶ କରିଛନ୍ତି । ତେବେ କୌଣସି ସ୍ଥଳେ ନୂତନ ଠିପି ଖୋଲା ହୋଟେଲ କିମ୍ବା ରେଷ୍ଟୁରାଣ୍ଟ ଖୋଲିବା ନେଇ ଆବେଦନ ହେଲେ, ସରକାରୀ ନିୟମ ଅନୁଯାୟୀ ତର୍ଜମା ସହ ନିଷ୍ପତ୍ତି ନିଆଯିବାର ବ୍ୟବସ୍ଥା ରହିଛି । ଅନ୍ୟପକ୍ଷରେ ବାଲେଶ୍ୱରରେ ଗୋଟିଏ ହେଲେ ବି ନୂତନ ମଦ ଖୋଲାଯିବା ନେଇ କୌଣସି ପ୍ରସ୍ତାବ ନାହିଁ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

ଯୋଗାଚାର୍ଯ୍ୟ ସୁବାସ ମୁନିଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

॥ ପ୍ରଭାନ୍ୟୁଜ ॥ ବେତନଟୀ, ୨୯।୧୧: ଓଡ଼ିଶା ପ୍ରାନ୍ତ ମୁନିସମାଜର ପ୍ରାକ୍ତନ ଅଧ୍ୟକ୍ଷ ଜ୍ଞାନଦୀପର ପ୍ରତିଷ୍ଠାତା ସଂପାଦକ ଯୋଗାଚାର୍ଯ୍ୟ ସୁବାସ ମୁନିଙ୍କ ସପ୍ତମ ଶ୍ରାଦ୍ଧ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଛି । କମିଟିର ସଭାପତି ମୁନିମତୀ ତୃଳାମଣି ଭୂୟାଁ ସତ୍ୟ ପତାକା ଉତ୍ତୋଳନ କରିଥିବା ବେଳେ ଯୋଗୀ ମହିମ ମୁନି ସଙ୍ଗୀତ ଗାନ କରିଥିଲେ । ସ୍ମୃତି କମିଟି ସଭାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବେତନଟୀ ମୟୂର ସାହିତ୍ୟ ସଂସଦ ସଭାପତି ଭାସ୍କର ଚନ୍ଦ୍ର ଦ୍ୱିବେଦୀ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଓଡ଼ିଶା ପ୍ରାନ୍ତ ମୁନି ସମାଜର ଅଧ୍ୟକ୍ଷ ଯୋଗାଚାର୍ଯ୍ୟ ଦଶରଥ ପଣ୍ଡ, ମୁଖ୍ୟବକ୍ତା ଆତ୍ମ ତୀର୍ଥ ପତ୍ରିକାର ସଂପାଦକ ପ୍ରାଧ୍ୟାପକ ଯୋଗାଚାର୍ଯ୍ୟ ସୁଧାଂଶୁ ଶେଖର ପ୍ରଧାନ ଉପସ୍ଥିତଥିଲେ। ସମ୍ମାନିତବକ୍ତା ଓଡ଼ିଶା ପ୍ରାନ୍ତ ମୁନି ସମାଜର ସଂପାଦକ ଯୋଗାଚାର୍ଯ୍ୟ ଧ୍ରୁବ ଚରଣ ମୁନି ଯୋଗଦାନ କରିଥିବା ବେଳେ, ସମ୍ମାନିତଅତିଥି ଚିତ୍ତରଞ୍ଜନ ମୁନି ଓ ମୁନିରନ୍ ଯୋଗୀ ଗୌରାଙ୍ଗ ପ୍ରସାଦ ପଟ୍ଟନାୟକ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ବକ୍ତା ବେତନଟୀ ବ୍ଲକ୍ ସମାଜ ପ୍ରତିନିଧି ଅରୁଣ କୁମାର ଓତା ଯୋଗ ଦେଇ ସୁବାସ ମୁନିଙ୍କ ସହ ତାଙ୍କର ସ୍ମୃତି ରୋମନ୍ଥନ କରିଥିଲେ। ମଞ୍ଚାସୀନ ଅତିଥିମାନେ ଆଶ୍ରମ ପରିସରରେ ଥିବା ଶିବ ମୁନି ଓ ସୁବାସ ମୁନିଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ ଗୌରହରି ବେହେରାଙ୍କୁ ଆଦର୍ଶ ଛାତ୍ର, ପଣ୍ଡୁଗଡ଼ିଆ ଆଶ୍ରମକୁ ଅଧିକ ଦାନ ପ୍ରଦାନ କରିଥିବା ଯୋଗାଚାର୍ଯ୍ୟ ସୁଧାଂଶୁ ଶେଖର ମୁନିଙ୍କୁ ଆଶ୍ରମ ସେବା ସମ୍ମାନ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଆଶ୍ରମ ଦେଖାଶୁଣା କରୁଥିବା ଦମ୍ପତି ମୁନି ରତିକାନ୍ତ ଓ ମୁନିମତୀ ବିଜୟା ମହାନ୍ତଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ସମ୍ବର୍ଦ୍ଧନା ପତ୍ର ପାଠ କରିଥିଲେ ମୁନିମତୀ ଗୀତାଞ୍ଜଳି ଭୂୟାଁ । ସୁବାସ ମୁନିଙ୍କ ସୁକନ୍ୟା ମନିମତୀ ଡ. ଅଳକା ମଞ୍ଜରୀ ଭୂୟାଁ ସ୍ୱାଗତ ଭାଷଣ ଦେଇଥିବାବେଳେ, ଜ୍ଞାନଦୀପ ସଂପାଦକ ଯୋଗୀ ସଞ୍ଜୟ ମୁନି ସଂପାଦକୀୟ ବିବରଣୀ ପାଠ କରିଥିଲେ । ଆଡ଼ଭୋକେଟ କୃଷ୍ଣଚନ୍ଦ୍ର ମୁନି ଧନ୍ୟବାଦ ଅର୍ପଣ କରିଥିଲେ।

ସରକାରୀ ଗୋଚର ଜାଗା ହଡ଼ପ ପାଇଁ ମସୁଧା

॥ ପ୍ରଭାନ୍ୟୁଜ ॥ ବିଶୋଇ, ୨୯।୧୧: ମୟୁରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ ସ୍ଥିତ ପାନପୋଷୀ ଗାଁର ସାନ୍ତାଳୀ ସମ୍ପ୍ରଦାୟର ଲୋକେ ସରକାରୀ ଗୋଚର ଜାଗାକୁ ହଡ଼ପ କରିବା ପାଇଁ ବିଭିନ୍ନ ପ୍ରକାର ଚଞ୍ଚଳତା କରିବା ସହ ଉକ୍ତ ଜାଗାକୁ ଜାହିରାସ୍ଥଳୀ କହିବା, ନିର୍ଦ୍ଦିଷ୍ଟ କିଛି ଗଣମାଧ୍ୟମକୁ ଟଙ୍କା ଦେଇ ମିଥ୍ୟା ଖବର ପରିବେଷଣ, ପୁଲିସ ପ୍ରଶାସନ, ତହସିଲ ପ୍ରଶାସନଙ୍କୁ ଭ୍ରମିତ କରି ଜାଗା ଅକ୍ତିଆର ପାଇଁ ଉଦ୍ୟମ ଚଳେଇଛନ୍ତି । ସୂଚନାଯୋଗ୍ୟ, ପାନପୋଷୀ ଗାଁର ସାନ୍ତାଳୀ ସମ୍ପ୍ରଦାୟଙ୍କ ୨ଏକର ଜାଗାରେ 'ଜାହିରା' ପାନପୋଷୀ ନଦୀ ନିକଟରେ ରହିଛି । ଗାଁରେ ମାନ୍ଧାତା ଅମଳରୁ ଉକ୍ତ ଜାହିରାରେ ସାନ୍ତାଳୀ ସମ୍ପ୍ରଦାୟ ପୂଜାପଶା କରି ଆସୁଛନ୍ତି । ତେବେ ବିଗତ କିଛି ଦିନ ହେବ ୫୦ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ୧ ଏକରରୁ ଉର୍ଦ୍ଧ୍ୱ

ସରକାରୀ ଗୋଚର ଜାଗାକୁ ସାନ୍ତାଳୀ ସମ୍ପ୍ରଦାୟର ଲୋକେ ବୋର୍ଡ ମାରି ଅକ୍ତିଆର କରି ରଖିଥିଲେ । ଏହି ସରକାରୀ ଜାଗାକୁ ଗାଁଲୋକ ସ୍କୁଲ ପାଇଁ ରଖିଥିବା ହେତୁ ଏହାକୁ ଗାଁର କୁମ୍ଭାରସମାଜ ଆଉ ପାତ୍ରସମାଜ ବିରୋଧ କରିବା ସହ ଜାଗାକୁ ତିନି ଭାଗ କରିଥିଲେ । ଯାହାକୁ ନେଇ ସାନ୍ତାଳୀ ସମ୍ପ୍ରଦାୟ ମଧ୍ୟରେ ଉତ୍ତେଜନା ହେବା ସହ ଥାନାରେ ୧୦ ଜଣଙ୍କ ନାମରେ ମିଥ୍ୟା ଅଭିଯୋଗ କରିଥିଲେ । ଥାନା ଅଭ୍ୟର୍ଥନା କକ୍ଷରେ ପୁଲିସ ପ୍ରଶାସନ ଏଏସ୍‌ପି ଯଦୁମଣି ଜେନା, ବିଶୋଇ ଥାନାଧିକାରୀ ଶରତ ଦାସ, ତହସିଲଦାର ସତ୍ୟବାନ ନାଏକ, ବିଡିଓ ସାଗର ଚନ୍ଦ୍ର ମୁର୍ମୁ, ସମିତିସଭ୍ୟ କାଶୁ ମାଝୀ ଏବଂ ପାନପୋଷୀ ଗାଁର ୩ ସମ୍ପ୍ରଦାୟର ଲୋକେ ସମାଧାନ ପାଇଁ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ନଥିଲା । ଶିକ୍ଷାନୁଷ୍ଠାନ ପାଇଁ ରଖିଥିବା ଜାଗାକୁ ସାନ୍ତାଳମାନେ କରିଥିବା ଜବରଦଖଲ ଉଚ୍ଛେଦ କରିବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି ।

ଯୁବ ସମ୍ମିଳନୀ ଅନୁଷ୍ଠିତ

॥ ପ୍ରଭାନ୍ୟୁଜ ॥ ବେତନଟୀ, ୨୯।୧୧: ବେତନଟୀ ସ୍ଥିତ ବେତନଟୀ କଲେଜରେ ଥିବା ସମ୍ମିଳନୀ କକ୍ଷରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସମ୍ମିଳନୀରେ ଜିଲ୍ଲା ମହାବିଦ୍ୟାଳୟ ପ୍ରମୁଖ କିଶୋର ମହାନ୍ତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ମୁଖ୍ୟଅତିଥି ସଞ୍ଜୀ ଚୌଧୁରୀ ଯୋଗଦେଇ ଯୁବକଙ୍କୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବିଚାରଧାରାରେ ଉଦବୁଦ୍ଧ ହୋଇ ନିଜ ନିଜ କ୍ଷେତ୍ରରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରାନ୍ତ ସମ୍ପର୍କ ପ୍ରମୁଖ ଶ୍ରୀଯୁକ୍ତ ସର୍ବେଶ୍ୱର ବେହେରା ଯୋଗଦେଇ ସ୍ୱାଧୀନତାରୁ ସ୍ୱତନ୍ତ୍ରତା ଓ ସ୍ୱାବଲମ୍ବନ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ମୟୂରଭଞ୍ଜ ବିଭାଗ ପ୍ରଚାର ପ୍ରମୁଖ ଶ୍ରୀଯୁକ୍ତ ତୁଷାର କାନ୍ତି ମହାନ୍ତ ଯୋଗ ଦେଇ ଭାରତର ଗୌରବମୟ ଇତିହାସ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ ସମ୍ମିଳନୀରେ ବାପି ଭାଇ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିବା ବେଳେ ଗଜେନ୍ଦ୍ର ଭାଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋକ କୁମାର ଖଟୁଆ ଉପସ୍ଥିତ ଥିଲେ। ଏହି ଅବସରରେ ସଞ୍ଜୟ କୁମାର ଚୌଧୁରୀଙ୍କ ଦ୍ୱାରା ସଂକଳିତ ଲୋକ କାହାଣୀ 'ଜୀବନ ମନ୍ତ୍ର' ପୁସ୍ତକ ଉନ୍ମୋଚନ କରାଯାଇଥିଲା। ସେହିପରି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ୬ ଜଣ ଏବଂ ସମାଜ ସେବା ଓ ବୃକ୍ଷ ରୋପଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଆଗ୍ରିଆ ସ୍ଥିତ ବୀଣାପାଣି କ୍ଲବ୍‌କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

ବିଲୁପ୍ତ ହେବାକୁ ବସିଲେଣି ଘରଚଟିଆ

ଆଉ ଶୁଭୁନି କିଚିରି ମିଚିରି ଶବ୍ଦ

॥ ପ୍ରଭାନ୍ୟୁଜ ॥ କୋକସରା,୨୯।୧୧: କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକରେ କିଛି ବର୍ଷ ପୂର୍ବେ ଶହ ଶହ ସଂଖ୍ୟାରେ ଘରଚଟିଆ ଦେଖିବାକୁ ମିଳୁଥିଲା । ଘର ଅଗଣାରେ ଧାନ ଓ ମାଣ୍ଡିଆ, ଚାଉଳ ଭଳି ଶସ୍ୟ ଶୁଖାଇଲେ ଜଣେ ଲୋକ ଜଗି ରହିବାକୁ ପଡୁଥିଲା । କାରଣ, କାଳେ ଘରଚଟିଆମାନେ ଆସି ଶସ୍ୟ ଖାଇଯିବେ । କିନ୍ତୁ ବିଲୁପ୍ତ ହେବାକୁ ବସିଲେଣି ଏହି ଘରଚଟିଆ, ଆଉ ଶୁଣିବାକୁ ମିଳୁନି ଘରଚଟିଆଙ୍କ କିଚିରି ମିଚିରି ଡାକ । ଚାଷୀର ପରମବନ୍ଧୁ ଭାବେ ଜଣାଶୁଣା ଏହି ପକ୍ଷୀ ଗାଁ ଗହଳିମାନଙ୍କରେ ଆଉ ଦେଖିବାକୁ ମିଳୁନି । ଘରଚଟିଆଙ୍କ ରହଣିସ୍ଥଳ ଗାଁରେ ଥିବା ଚାଳଘର ଏବେ ଆଉ ନାହିଁ । ଚାଳଘର ନଥିବାରୁ ଏହି ପକ୍ଷୀ ଏବେ ଆଉ ଦେଖାଯାଉ ନାହାନ୍ତି । ଏହା ମଧ୍ୟ ବିଲୁପ୍ତ ହେବାର ଗୋଟିଏ ମୁଖ୍ୟ କାରଣ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ସେହିପରି ସବୁଆଡେ ଜଙ୍ଗଲ ଓ ପରିବେଶ ତାର ସନ୍ତୁଳନ ହରାଇବା ମଧ୍ୟ ଅନ୍ୟ ଏକ କାରଣ। ଗ୍ରାମବାସୀଙ୍କ କହିବା ଅନୁସାରେ, ସଚେତନତା ଅଭାବରୁ ଘରଚଟିଆଙ୍କ ବଂଶ ବୃଦ୍ଧି ହୋଇପାରୁ ନାହିଁ। ଘରଚଟିଆ ଗୋଟିଏ ଛୋଟ ପକ୍ଷୀ ହୋଇଥିଲେ ମଧ୍ୟ ଲୋକଙ୍କ ମନରେ ବେଶ ଖୁସି ଉନ୍ମାଦନା ସୃଷ୍ଟି କରିଥାଏ । ତାର କିଚିରି ମିଚିରି ଶବ୍ଦ ମନରେ ଆନନ୍ଦ ଭରିଦିଏ ।

କିଚିରି ମିଚିରି ଶବ୍ଦ କରି ଘର ଚାରିପାଖେ ବୁଲିବା ସହ ଘରଚାଳ, ଛୋଟଛୋଟ ଗଛ, ପାଳଗଦା ଆଦିରେ ବସା ବାନ୍ଧିଥାଏ । ଲୋକଙ୍କ ସହ ସତେ ଯେମିତି ତାର ପୁରୁଣା ସମ୍ପର୍କ ରହିଛି । ହେଲେ ସମୟର ପରିବର୍ତ୍ତନ ସାଙ୍ଗକୁ ସବୁ କିଛି ବଦଳି ଗଲାଣି । ଲୋକଙ୍କ ଚଳଣି ସହ ବାସଗୃହ ସବୁ ମଧ୍ୟ ବଦଳିଗଲାଣି । ମୋବାଇଲ ଯୁଗ ସାଙ୍ଗକୁ କଚ୍ଚା ଘର ସବୁ ପକ୍କା ଘର ହୋଇଗଲାଣି । ଯାହା ଘରଚଟିଆଙ୍କ ପାଇଁ ତାହା କାଳ ସାଜିଛି, ଘରଚଟିଆଙ୍କ ସଂଖ୍ୟା ମଧ୍ୟ କମିବାରେ ଲାଗିଛି । ଯାହାକୁ ବିଲୁପ୍ତ କହିଲେ କିଛି ଭୁଲ ହେବନି । ଖାଲି ସେତିକି ନୁହେଁ ମୋବାଇଲ ଟାୱାରରୁ ବାହାରୁଥିବା ମାଇକ୍ରୋ ୱେଭ ତରଙ୍ଗ ଯୋଗୁଁ ଘରଚଟିଆଙ୍କ ସଂଖ୍ୟା ବିଶେଷ ଭାବେ କମି ଯାଉଥିବା ପରିବେଶବିତ୍‌ମାନେ କହିଛନ୍ତି ।

କଲେଜରେ ପ୍ରବେଶ ଉତ୍ସବ

॥ ପ୍ରଭାନ୍ୟୁଜ ॥ ଖଇରା, ୨୯।୧୧: ବାଲେଶ୍ୱର ଜିଲା ଖଇରା କଲେଜ ଇଗ୍ନୋ ଶାଖା ପକ୍ଷରୁ ଶୁକ୍ରବାର ପ୍ରବେଶ ଉତ୍ସବ

ଅନୁଷ୍ଠିତ ହୋଇଛି । ଏହି ଅବସରରେ ଇଗ୍ନୋର ସଂଯୋଜକ ଭାବେ ଅଧ୍ୟାପକ ଯୁଗଳ କିଶୋର ଗାହାଣଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଅଧ୍ୟକ୍ଷ ଲକ୍ଷ୍ମୀଧର ନାୟକ, ଇଂରାଜୀ ବିଭାଗର ବରିଷ୍ଠ ଅଧ୍ୟାପକ ବନମାଳି ବାରିକ ଓ ସହଯୋଗୀ ଭାବେ ଗୌରାଙ୍ଗ ପାଣି ଯୋଗ ଦେଇ ଇଗ୍ନୋ ପକ୍ଷରୁ ଛାତ୍ରୀଛାତ୍ର ମାନଙ୍କ ପାଇଁ ଉଦ୍ଦିଷ୍ଟ ପାଠ୍ୟକ୍ରମ ଓ ମିଳୁଥିବା ବିଭିନ୍ନ ସୁବିଧା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ନୂତନ ଭାବେ ବିଭିନ୍ନ ବିଷୟରେ ନାମଲେଖାଇଥିବା ୭୦ରୁ ଉର୍ଦ୍ଧ ପିଲା ଉପସ୍ଥିତ ଥିଲେ ।

AFFIDAVIT

By virtue of an affidavit sworn before Executive Magistrate, Vyasanagar, Jajpurdtd. -16/07/2025 affidavit no.-3088. I Dasharatha Nayak, At/ Po-Purbakote, Ps-Korai,Dist-Jajpur, Pin-755022, Odisha declare that I have changed my minor son's name from Debaprakash Nayak to Deba Prasad Nayak. Henceforth, he shall be known as Deba Prasad Nayak for all futurepurposes.

Sd/-
Dasharatha Nayak

ଶ୍ରମ ସଂହିତା ରଦ୍ଦ ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର

॥ ପ୍ରଭାନ୍ୟୁଜ ॥ ଢେଙ୍କାନାଳ, ୨୯।୧୧: ଢେଙ୍କାନାଳ ଜିଲ୍ଲା ସଂଯୁକ୍ତ କିଷାନ ମୋର୍ଚ୍ଚା ଓ ଶ୍ରମିକ ସଂଗଠନମାନଙ୍କର ମିଳିତ ମଂଚ ପକ୍ଷରୁ ଶ୍ରମ ସଂହିତା ରଦ୍ଦ ସମେତ ୪ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ଦାବି ଗୁଡିକ ହେଲା, ୪ଟି ଶ୍ରମ ସଂହିତା ରଦ୍ଦ କରନ୍ତୁ ଏବଂ ସର୍ବନିମ୍ନ ମଜୁରୀ ଅଧିକାରର ସୁରକ୍ଷା କରନ୍ତୁ। ପ୍ରାକୃତିକ ସମ୍ପଦ ଉପରେ ଆଦିବାସୀଙ୍କ ଅଧିକାରର ସୁରକ୍ଷା ପାଇଁ ଅଧିକାର ଆଇନ (ଏଫଆରଏ), ପଂଚାୟତ ଅନୁସୂଚୀତ କ୍ଷେତ୍ର ପର୍ଯ୍ୟନ୍ତ ବିସ୍ତାର ଅଧିନିୟମ, (ପିଇଏସଏ) ୧୯୯୬କୁ କଡ଼ାକଡ଼ି ଭାବେ ଲାଗୁ କରାଯାଉ। ଜମି, ଜଙ୍ଗଲ, ଜଳ ଏବଂ ଖଣିଜ ପଦାର୍ଥର କୌଣସି କର୍ପୋରେଟ ଅଧିଗ୍ରହଣ ଚଳିବ ନାହିଁ। କର୍ପୋରେଟଙ୍କ ଦ୍ୱାରା ଖଣିଖନନ ଓ ତତସଂକ୍ରାନ୍ତ ବ୍ୟବସାୟକୁ ସମାପ୍ତ କରିବା ପାଇଁ ଆଇନ ପ୍ରଣୟନ କରାଯାଉ, ଖଣିଖନନ ଓ ତତସଂକ୍ରାନ୍ତ ବ୍ୟବସାୟରୁ ମିଳୁଥିବା ଲାଭର ୬୦% ଅର୍ଥ ଖଣି ଅଂଚଳର (ସ୍ଥାନୀୟ) ଲୋକଙ୍କ କଲ୍ୟାଣମୂଳକ କାର୍ଯ୍ୟରେ ଖର୍ଚ୍ଚ କରିବା ସହିତ ଆଦିବାସୀ ପରିବାରମାନଙ୍କୁ ଅଗ୍ରାଧିକାର ଦିଆଯାଉ। କର୍ପୋରେଟ ସପକ୍ଷବାଦୀ 'ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା' ଭଳି ଏକ ବିଫଳ ଯୋଜନାକୁ ଉଚ୍ଛେଦ କରାଯାଉ ଏବଂ ଏଲଆଇସିର ସଫଳ ମଡେଲ ପରି ରାଜ୍ୟ ସରକାରଙ୍କ ସହଯୋଗରେ ଫସଲ ଏବଂ ପଶୁସମ୍ପଦ ପାଇଁ ରାଷ୍ଟ୍ରାୟତ କ୍ଷେତ୍ରରେ ବୀମା ନିଗମ ଗଠନ କରାଯାଉ। କେନ୍ଦ୍ର ବଜେଟରୁ ୮୭ ହଜାର କୋଟି ଟଙ୍କାର ସାର ସବ୍‌ସିଡିକୁ କାଟି ଦିଆଯାଉଛି, ଏହାକୁ ପୁଣି କାର୍ଯ୍ୟକାରୀ କରାଯାଉ। ସାର କଳାବଜାରୀ ବନ୍ଦ କରାଯାଉ ଏବଂ ସାର ଉତ୍ପାଦନରେ ଆତ୍ମନିର୍ଭରଶୀଳତା ସୁନିଶ୍ଚିତ କରାଯାଉ। ସମଗ୍ର ଚାଷ ଜମି ପାଇଁ ଜଳ ଅଧିକାର ସୁନିଶ୍ଚିତ କରାଯାଉ। କୃଷକ ଏବଂ କୃଷି ଶ୍ରମିକମାନଙ୍କୁ ମାସକୁ ୧୦,୦୦୦ ଟଙ୍କାର ବୃଦ୍ଧାବସ୍ଥା ଭତା/ ପେନସନ ପ୍ରଦାନ କରନ୍ତୁ। ରାଜ୍ୟ କୃଷି ବିଭାଗ ଅଧିନରେ ଭାଗଚାଷୀମାନଙ୍କୁ ପଞ୍ଜୀକୃତ କରାଯାଉ, ଋଣ ପ୍ରଦାନ, କୃଷି ସଂପ୍ରସାରଣ ଏବଂ କ୍ଷତି ପୂରଣ ସହିତ ସରକାରୀ ଯୋଜନାର ସମସ୍ତ ଲାଭ ଭାଗଚାଷୀମାନଙ୍କୁ ପ୍ରଦାନ କରାଯାଉ।

ସମସ୍ତ ଭୂମିହୀନ ପରିବାରକୁ ଚାଷ ପାଇଁ ଜମି/ ସମସ୍ତ ବାସହୀନ ପରିବାରକୁ ଘର ଯୋଗାଇ ଦିଆଯାଉ। ସେସ୍ ଏବଂ ସରଚାର୍ଜ ସମେତ ବିଭାଜନକାରୀ ପୁଲର ୬୦% ଭାଗ ରାଜ୍ୟମାନଙ୍କୁ ଅଂଶଧନ ଭାବେ ଦେଇ ରାଜ୍ୟଗୁଡିକର ସଂଘୀୟ ଅଧିକାରର ସୁରକ୍ଷା ସୁନିଶ୍ଚିତ କରାଯାଉ। ରାଜ୍ୟଗୁଡିକର ଟିକସ କ୍ଷମତାକୁ ପୁନଃସ୍ଥାପିତ କରିବା ପାଇଁ ଜି.ଏସ.ଟି. ଆଇନରେ ସଂଶୋଧନ କରନ୍ତୁ। ରାଜ୍ୟ ସରକାରଙ୍କ ସଂଘୀୟ କ୍ଷମତାକୁ ଉଲ୍ଲଙ୍ଘନ କଲାଭଳି କୌଣସି ଜାତୀୟ ସମବାୟ ନୀତି (ଏନ୍.ସି.ପି.), ନୂତନ ଶିକ୍ଷାନୀତି (ଏନ୍.ଇ.ପି.) ଲାଗୁ କରିବା ଚଳିବ ନାହିଁ, କୃଷି ବି ଣନ ଉପରେ ଜାତୀୟ ନୀତି ଢାଂଚା (ଏନ୍.ପି.ଏଫ୍.ଏ.ଏମ୍.) ଲାଗୁ କରିବା ଚଳିବ ନାହିଁ ଏବଂ ବିଦ୍ୟୁତ୍ ବିଲ୍-୨୦୨୫ ଲାଗୁ କରିବାକୁ ବନ୍ଦ କରାଯାଉ। ଶକ୍ତିଶାଳୀ ଭାରତ ପାଇଁ ଶକ୍ତିଶାଳୀ ରାଜ୍ୟର ଆବଶ୍ୟକତା ରହିଛି। ମହିଳା ଓ ଝିଅ ପିଲାଙ୍କ ଉପରେ ହେଉଥିବା ଅତ୍ୟାଚାର, ଦଳିତ, ଆଦିବାସୀ ଓ ସଂଖ୍ୟାଲଘୁଙ୍କ ପ୍ରତି ହେଉଥିବା ନିର୍ଯ୍ୟାତନା ଓ ହିଂସାକୁ ସମାପ୍ତ କରିବା ଲାଗି ପ୍ରତିଷେଧକ ଆଇନଗତ ପଦକ୍ଷେପ ଏବଂ ସର୍ବସାଧାରଣ ଯାଂଚ ସହିତ ସର୍ବସାଧାରଣଙ୍କୁ ନେଇ ଅଭିଯାନ କରାଯାଉ। ଏହି ଦାବି ପ୍ରଦାନ ସମୟରେ ସିଆଇଟିୟୁର ସର୍ବଜ୍ଞ ସାହୁ, ଏଆଇଟିସିୟୁର ରବି ରଥ, ଏଆଇସିସିଟିୟୁର ଶ୍ରୀନିବାସ ସାହୁ, ସିପିଏମ୍‌ର ସ୍ୱରୂପାନନ୍ଦ ଦାସ, ଏଚ୍‌ଏମ୍‌ଏସ୍‌ର ବାବୁଲି ସିଂ, ଟିୟୁସିସିର କମଳା ସାହୁ, ଆଇଏନ୍‌ଟିୟୁସିର ଛବିରାଜ ବିଶ୍ୱାଳ, ବିକେଏମ୍‌ୟୁର ପ୍ରଫୁଲ୍ଲ ନାୟକ, କିଷାନ୍ କଂଗ୍ରେସର ବୀପ୍ରବର ସାହୁ ପ୍ରମୁଖ ଉପସ୍ଥିତଥିଲେ।

MCL
ମହାନଦୀ କୋଲଫିଲ୍ଡସ ଲିମିଟେଡ୍
(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯, ୱେବ୍‌ସାଇଟ୍ : www.mahanadicoal.in

ବିଜ୍ଞପ୍ତି

''ସାମଗ୍ରୀ ଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ସଂଗ୍ରହ ନିମନ୍ତେ CIL ଏବଂ ଏହାର ସହାୟକ ଅନୁଷଙ୍ଗୀ କମ୍ପାନିମାନଙ୍କ ଦ୍ୱାରା ଜାରି କରାଯାଇଥିବା ସମସ୍ତ ଟେଣ୍ଡର କୋଲ ଇଣ୍ଡିଆ ଲିମିଟେଡର ୱେବ୍‌ସାଇଟ୍ www.coalindia.in, ସଂପୃକ୍ତ ସହାୟକ କମ୍ପାନି (MCL, www.mahanadicoal.in), CIL ଇ-ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://coalindiatenders.nic.in ଏବଂ ସେଣ୍ଟ୍ରାଲ ପବ୍ଲିକ୍ ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ହେଉଛି। ଏତଦ୍‌ବ୍ୟତୀତ, GeM ପୋର୍ଟାଲ https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।''

R-5276